# NATIONAL NEWS BULLETIN (ODIA)

## 09th March' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- 'ସବ୍‌କା ସାଥ, ସବ୍‌କା ବିକାଶ' ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ସଂକ୍ରାନ୍ତ ବଜେଟ୍ ପରବର୍ତ୍ତୀ ୱେବିନାରକୁ ପ୍ରଧାନମନ୍ତ୍ରୀ ଆଜି କରିବେ ସମ୍ବୋଧନ ।

- ଦିଲ୍ଲୀ ମେଟ୍ରୋର ଦୁଇଟି ନୂତନ କରିଡର ସମେତ ୩୩ ହଜାର ୫୦୦ କୋଟି ଟଙ୍କାର ବହୁବିଧ ବିକାଶ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।
- ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ।
- ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଇରାନ୍ ଘୋଷଣା କଲା ପରବର୍ତ୍ତୀ ସର୍ବୋଚ୍ଚ ନେତାଙ୍କ ନାମ ।

ଏବଂ

- ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ଫାଇନାଲ ମ୍ୟାଚ୍‌ରେ ଭାରତ‌ା ଐତିହାସିକ ବିଜୟ ।

# ପି.ଏମ୍. - ସବ୍‌କା ସାଥ୍ ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି 'ସବ୍‌କା ସାଥ୍, ସବ୍‌କା ବିକାଶ– ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା' ସଂକ୍ରାନ୍ତ ବିଷୟବସ୍ତୁ ଉପରେ ଆୟୋଜିତ ବଜେଟ୍ ପରବର୍ତ୍ତୀ ୱେବିନାରକୁ ଆଭାସୀ ଜରିଆରେ ସମ୍ବୋଧିତ କରିବେ। ଏହି ବିଷୟବସ୍ତୁ ଅଧୀନରେ ଶିକ୍ଷା ଏବଂ ଦକ୍ଷତା, ସ୍ୱାସ୍ଥ୍ୟ ଓ ଆୟୁଷ, ପର୍ଯ୍ୟଟନ ଏବଂ ଆତିଥ୍ୟ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଏକାଧିକ ଅଧିବେଶନ ଆୟୋଜନ କରାଯିବ। ଏହି ଆଲୋଚନାରେ ଶିକ୍ଷାରୁ–ନିଯୁକ୍ତି ମାର୍ଗକୁ ସୁଦୃଢ଼ କରିବା, ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଙ୍ଗ୍ ଏବଂ କମିକ୍ସର ବିକାଶ, ଉତ୍ତର-ପୂର୍ବାଞ୍ଚଳରେ ବୌଦ୍ଧ ସର୍କିଟ୍ ଏବଂ ଐତିହ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ଭଳି ପଦକ୍ଷେପଗୁଡ଼ିକ ଅନ୍ତର୍ଭୁକ୍ତ ହେବ। ବଜେଟ ପରବର୍ତ୍ତୀ ୱେବିନାର ସରକାର, ଶିଳ୍ପ ଏବଂ କ୍ଷେତ୍ର ବିଶେଷଜ୍ଞମାନଙ୍କ ମଧ୍ୟରେ ସହଯୋଗାତ୍ମକ ଯୋଗଦାନ ପାଇଁ ଏକ ମଞ୍ଚ ପ୍ରଦାନ କରିବ ଯାହା ବଜେଟରେ ଦର୍ଶାଯାଇଥିବା ନୀତିଗତ ଦୃଷ୍ଟିକୋଣକୁ କାର୍ଯ୍ୟକ୍ଷମ ରଣକୌଶଳରେ ପରିଣତ କରିବ।

# ଏଲ୍.ଏସ୍. - ସ୍ପିକର୍ ଡିସ୍କସନ୍

ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦରୁ ଅନ୍ତର କରିବା ନେଇ ଗୃହରେ ଆଜି ତିନି ଜଣ କଂଗ୍ରେସ ସଦସ୍ୟଙ୍କ ପକ୍ଷରୁ  ଏକ ପ୍ରସ୍ତାବ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରସ୍ତାବ ଲୋକସଭାରେ ଆଲୋଚନା ପାଇଁ ଗୃହୀତ ହେଲେ ଶ୍ରୀ ବିର୍ଲା ଆଜିର ଗୃହ କାର୍ଯ୍ୟରେ ଅଧ୍ୟକ୍ଷତା କରିବେ ନାହିଁ।

ଗତ ମାସରେ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ, ବାଚସ୍ପତିଙ୍କୁ ତାଙ୍କ ପଦରୁ ବିରତି ଦାବି କରି ବିରୋଧୀ ଦଳ ପକ୍ଷରୁ ଲୋକସଭାର ମହାସଚିବଙ୍କୁ ଏକ ଅନାସ୍ଥା ନୋଟିସ୍ ଦିଆଯାଇଥିଲା। ନୋଟିସରେ ବିରୋଧିଦଳ ସଦସ୍ୟମାନେ ଶ୍ରୀ ବିର୍ଲାଙ୍କୁ ପକ୍ଷପାତପୂର୍ଣ୍ଣ ଭାବରେ କାର୍ଯ୍ୟ କରୁଥିବାର ଅଭିଯୋଗ କରିଥିଲେ। ଏଥିରେ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମକେ, ବାମପନ୍ଥୀ ଏବଂ ତୃଣମୂଳ କଂଗ୍ରେସ ବ୍ୟତୀତ ଅନ୍ୟ ୧୧୮ ଜଣ ସାଂସଦ ସ୍ୱାକ୍ଷର କରିଥିଲେ। ବଜେଟ୍ ଅଧିବେଶନର ପ୍ରଥମ ଭାଗ ଜାନୁଆରୀ ୨୮ ତାରିଖରେ ଆରମ୍ଭ ହୋଇଥିଲା ଏବଂ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ

ପ୍ରସ୍ତାବ ଏବଂ ୨୦୨୬-୨୭ ପାଇଁ କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ହୋଇଥିଲା।

## ଓଡ଼ିଶା ବିଧାନସଭା

ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହେବ। ବିଧାନସଭା କାର୍ଯ୍ୟସୂଚୀ ଅନୁଯାୟୀ, ଆଜି ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଗୃହରେ ଉପସ୍ଥାପିତ ହେବ। ଆସନ୍ତାକାଲିଠାରୁ ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଗୃହରେ ଉପସ୍ଥାପନ କରାଯିବ। ୩୧ ତାରିଖରେ ଗୃହରେ ବ୍ୟୟ ମଞ୍ଜୁରୀ ବିଧେୟକ ଉପସ୍ଥାପନ କରାଯିବ। ଅଧିବେଶନ କାଳରେ ସରକାରଙ୍କ ବିଭିନ୍ନ ବିଭାଗର ବିଲ୍ ଆଗତ ହେବ ବୋଲି ବିଧାନସଭା ସୂତ୍ରରୁ ଜଣାପଡ଼ିଛି । ଅଧିବେଶନ ଏପ୍ରିଲ୍ ମାସ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଆର୍ଥିକବର୍ଷ ପାଇଁ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି ।

# ପି.ଏମ୍. - ଦିଲ୍ଲୀ ପ୍ରୋଜେକ୍ଟସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ପ୍ରାୟ ୩୩ ହଜାର ୫୦୦ କୋଟି ଟଙ୍କାର ଏକାଧିକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଜାତୀୟ ରାଜଧାନୀରେ ସୁବିଧା ଏବଂ ଭିତ୍ତିଭୂମିକୁ ନିରନ୍ତର ଭାବେ ସୁଦୃଢ଼ ଏବଂ ସମ୍ପ୍ରସାରିତ କରାଯାଉଛି। ସେ କହିଛନ୍ତି, ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ନୂତନ ମେଟ୍ରୋ ବିଭାଗ ରାଜଧାନୀର ଲକ୍ଷ ଲକ୍ଷ ବାସିନ୍ଦାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ରଚନା କରୁଛି ଏବଂ ସେମାନେ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।  ଶ୍ରୀ ମୋଦୀ କହିଛନ୍ତି, ଭାରତର ମହିଳା ଶକ୍ତି ପ୍ରତ୍ୟେକ କ୍ଷେତ୍ରରେ ନୂତନ ଶକ୍ତି ସହିତ ଆଗକୁ ବଢୁଛି ଏବଂ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି।

ଶ୍ରୀ ମୋଦୀ କହିଛନ୍ତି, ବର୍ତ୍ତମାନର ବିଜେପି ସରକାର ଦିଲ୍ଲୀ ସହ ଜଡ଼ିତ ବିଭିନ୍ନ ଆହ୍ୱାନର ସମାଧାନ ପାଇଁ ମିଶନ ମୋଡରେ କାର୍ଯ୍ୟ କରୁଛି। ସେ କହିଛନ୍ତି, ସରକାର ଯମୁନାକୁ ସଫା କରିବା ପାଇଁ ମଧ୍ୟ ବ୍ୟାପକ ସ୍ତରରେ

କାର୍ଯ୍ୟ କରୁଛନ୍ତି ଏବଂ ଏଥିପାଇଁ କୋଟି କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।

ପ୍ରଧାନମନ୍ତ୍ରୀ ଗତକାଲି ପ୍ରାୟ ୧୮ ହଜାର ୩୦୦ କୋଟି ଟଙ୍କା ମୂଲ୍ୟର ଦିଲ୍ଲୀ ମେଟ୍ରୋ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେ ଦିଲ୍ଲୀ ମେଟ୍ରୋର ଦୁଇଟି ନୂତନ କରିଡରକୁ ମଧ୍ୟ ଉଦଘାଟନ କରିଛନ୍ତି ।

ମେଟ୍ରୋ ରେଳ ଦିଲ୍ଲୀର ଜୀବନରେଖା ପାଲଟିଛି ଏବଂ ଯାତ୍ରୀମାନଙ୍କୁ ଯଥେଷ୍ଟ ଯାତ୍ରା ସମୟ ସଞ୍ଚୟ କରିବାରେ ସାହାଯ୍ୟ କରୁଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ କହିଛନ୍ତି ।  ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ମେଟ୍ରୋ ରେଳର ସମ୍ପ୍ରସାରଣ ଉଲ୍ଲେଖନୀୟ ଭାବେ ତ୍ୱରାନ୍ୱିତ ହୋଇଛି ଏବଂ ମେଟ୍ରୋ ଲାଇନ ଏବଂ ନମୋ ଭାରତ ଆର.ଟି.ଏସ.ର ନେଟୱାର୍କ ପାଖାପାଖି ଏକ ହଜାର ୧୦୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଇରାନ୍ - ନିୟୁ ଲିଡର୍

ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍ ଓ ଆମେରିକାର ମିଳିତ ସେନା ବାହିନୀ ପକ୍ଷରୁ ଆକ୍ରମଣ ଅଧିକ ତୀବ୍ର ହେଉଥିବା ବେଳେ ଇରାନ୍ ତା'ର ପରବର୍ତ୍ତୀ ସର୍ବୋଚ୍ଚ

ନେତାଙ୍କ ନାମ ଘୋଷଣା କରିଛି । ଆୟୋତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ପରେ ତାଙ୍କର ପୁଅ ମୋଜ୍‌ତାବା ଖାମନେଇ ଦେଶର ସର୍ବୋଚ୍ଚ ନେତା ହେବେ ବୋଲି ଇରାନ୍ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି, ଇରାନ୍‌ର ସର୍ବୋଚ୍ଚ ନେତାଙ୍କ ବିରୋଧରେ ସମସ୍ତ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଇତିମଧ୍ୟରେ ଇରାନ୍ ପକ୍ଷରୁ ଆବୁଧାବି ଉପରେ ଆକ୍ରମଣ ଜାରି ରଖିଛି ।

## ୱେଷ୍ଟ ଏସିଆ - କନ୍‌ଫ୍ଲିକ୍ଟ

ଇରାନର ରିଭୋଲ୍ୟୁସନାରୀ ଗାର୍ଡସ୍ କୁର୍ଦ୍ଦ ଫୋର୍ସର ଲେବାନନ୍ ଶାଖାର କମାଣ୍ଡରମାନଙ୍କୁ ଟାର୍ଗେଟ କରି ଇସ୍ରାଏଲ ଦକ୍ଷିଣ ଲେବାନନ୍ ଉପରେ ଏହାର ଆକ୍ରମଣକୁ ପୁନର୍ବାର ଆରମ୍ଭ କରିଛି। ତେହେରାନର ଏକ ତୈଳ ଭଣ୍ଡାର ଉପରେ ଇସ୍ରାଏଲର ଆକ୍ରମଣର ଗୋଟିଏ ଦିନ ପରେ ଏହି ଆକ୍ରମଣ ହୋଇଥିଲା। ଲେବାନନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଦକ୍ଷିଣ ଲେବାନନରେ ଇସ୍ରାଏଲର ବିମାନ ଆକ୍ରମଣରେ ୧୨ ଜଣ ଲୋକ ପ୍ରାଣ ହରାଇଥିଲେ। ସ୍ଥାନୀୟ ଗଣମାଧ୍ୟମ ସୂଚନା ଅନୁସାରେ, ଏକ ଇସ୍ରାଏଲ୍ ଡ୍ରୋନ୍ ବୈରୁଟର ଏକ ହୋଟେଲ୍ ଉପରେ ଆକ୍ରମଣ କରିଥିଲା, ଯେଉଁଥିରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ୧୦ ଜଣ ଆହତ ହୋଇଥିଲେ।

ଇରାନର ରାଷ୍ଟ୍ରପତି ମାସୌଦ୍ ପେଜେସ୍କିଆନ୍ ପଡ଼ୋଶୀ ଦେଶ ଉପରେ ଆକ୍ରମଣ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ। ଅନ୍ୟପକ୍ଷରେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି ପର୍ଯ୍ୟାୟରେ ଇରାନ ସହିତ ସମାଧାନର କୌଣସି ସମ୍ଭାବନାକୁ ଅସ୍ୱୀକାର କରିଛନ୍ତି । ଆଗକୁ ଇରାନ ଉପରେ ପ୍ରବଳ ଆକ୍ରମଣ ହେବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ସୂଚନା ଅନୁସାରେ, ଲଢ଼େଇରେ ଇରାନରେ ଅତି କମରେ ୧ ହଜାର ୨୩୦ ଜଣ, ଲେବାନନରେ ୨୯୦ରୁ ଅଧିକ ଏବଂ ଇସ୍ରାଏଲରେ ୧୧ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୬ ଜଣ ଆମେରିକୀୟ ସୈନିକ ମଧ୍ୟ ନିହତ ହୋଇଥିବା ସୂଚନା ମିଳିଛି।

## ଅଏଲ୍ - ପ୍ରାଇସ୍

ମଧ୍ୟପ୍ରାଚ୍ୟରେ ଲାଗି ରିଥିବା ଇରାନ୍ ଯୁଦ୍ଧ ପରିପ୍ରେକ୍ଷୀରେ ତୈଳ ଦର ବ୍ୟାରେଲ୍ ପିଛା ୧୦୦ ଆମେରିକୀୟ ଡଲାର ଅତିକ୍ରମ କରିଛି । ଗତ ୩ ବର୍ଷରେ ଏହା ସର୍ବାଧିକ ଦର ବୃଦ୍ଧି ବୋଲି ଜଣାପଡ଼ିଛି । ବ୍ରେଣ୍ଟ୍ ଅଶୋଧିତ ତୈଳ ବ୍ୟାରେଲ୍ ପିଛା ଗତକାଲି ସୁଦ୍ଧା ୧୦୧ ଦଶମିକ ୧/୯ ଡଲାରରେ ବ୍ୟବସାୟ ହୋଇଥିବା ଜଣାପଡ଼ିଛି । ଇରାନ୍ ଉପରେ ବାରମ୍ୱାର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଫଳରେ ହରମୁଜ୍ ପ୍ରଣାଳୀରୁ ଉତ୍ତୋଳିତ ହେଉଥିବା

ତୈଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି । ସାଉଦି ଆରବ, କୁଏତ୍, ଇରାକ୍, କାତାର, ବାହାରିନ୍, ସଂଯୁକ୍ତ ଆରବ ଏମିରେଟ୍ସ୍ ଏବଂ ଇରାନ୍‌ରୁ ଆସୁଥିବା ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ଏହି ରାସ୍ତା ଦେଇ ରପ୍ତାନୀ ହୋଇଥାଏ ।

## ଆଇ.ସି.ସି. ଟି-ଟ୍ୱେଣ୍ଟି

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ଗତକାଲି ଫାଇନାଲ୍ ମ୍ୟାଚ୍‌ରେ ଭାରତ' ନ୍ୟୁଜିଲାଣ୍ଡ୍‌କୁ ୯୬ ରନ୍‌ରେ ପରାସ୍ତ କରି ଇତିହାସ ରଚନା କରିଛି । ବିଶ୍ୱକପ୍ ଇତିହାସରେ ଭାରତର ଏହା ତୃତୀୟ ବିଜୟ । ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଭାରତ ୨୫୬ରନ୍ ବିଜୟ ଲକ୍ଷ୍ୟ ପିଛା କରି ନ୍ୟୁଜିଲାଣ୍ଡ ୧୯ ଓଭରରେ ୧୫୯ଟି ରନ୍ କରିବାକୁ ସକ୍ଷମ ହୋଇଥିଲା । ଯଶପ୍ରୀତ ବୁମ୍ରାହା ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରି ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୫୫ ରନ୍ ସଂଗ୍ରହ କରିଥିଲା । ଓପନେଂ ବ୍ୟାଟ୍‌ସ୍‌ମ୍ୟାନ୍ ସଞ୍ଜୁ ସାମସନ୍ ୪୬ଟି ବଲ୍‌ରେ ସର୍ବାଧିକ ୮୯ ରନ୍ ସଂଗ୍ରହ କରିଥିଲେ ଏବଂ ତାଙ୍କୁ ପ୍ଲେୟାର୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଛି । ଅଭିଷେକ ଶର୍ମା ଓ ଇଶନ୍ କିଷାନ୍ ଅର୍ଦ୍ଧଶତକ ଲେଖାଏଁ ହାସଲ କରିଥିଲେ ।

*****